କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ

ବନାମ

ଏନ୍. ସୁକେସେନ ଏବଂ ଅନ୍ୟମାନେ

ଜୁଲାଇ 23, 1996

[ଏସ୍.ସି. ଅଗ୍ରୱାଲ ଏବଂ ବି.ଏଲ୍. ହଂସାରିଆ, ନ୍ୟାୟମୂର୍ତ୍ତିଦ୍ୱୟ]

ସେବା ଆଇନ :

ବିଦ୍ୟୁତ (ଯୋଗାଣ) ଅଧିନିୟମ, 1948:

*ଧାରା 79 (c) ଏବଂ (k)/କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ (ବୋର୍ଡ ସଚିବାଳୟ ପ୍ରତିଷ୍ଠାନର ଏକୀକରଣ) ନିୟମାବଳୀ, 1981 (1985 ରେ ସଂଶୋଧିତ):*

*କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ - ସାଧାରଣ ସେବାରେ ସଚିବାଳୟ ସେବାର ଏକୀକରଣ - ପରସ୍ପର ମଧ୍ୟରେ ବରିଷ୍ଠତା - ପ୍ରାରମ୍ଭିକ ନିଯୁକ୍ତି ସମୟରୁ ସେବାର ଅବଧି ବିଚାରକୁ ନେବା ପାଇଁ ପ୍ରଦାନ କରାଯାଇଥିବା ଏକୀକରଣ ଯୋଜନା - ନିର୍ଣ୍ଣୟ ହେଲା, ଏହି ଯୋଜନା ସମ୍ବିଧାନର ଅନୁଚ୍ଛେଦ 14 ଦ୍ୱାରା ପ୍ରଭାବିତ ହୋଇନାହିଁ - ଭାରତର ସମ୍ବିଧାନ ଅନୁଚ୍ଛେଦ 14:*

**1964 ମସିହାରେ କେରଳ ବିଦ୍ୟୁତ ବୋର୍ଡ ସଚିବାଳୟ ସେବା ପ୍ରତିଷ୍ଠା କରିଥିଲା ।ଏହି ସେବାରେ ଅଧିକାରୀମାନଙ୍କୁ କୌଣସି ପରୀକ୍ଷା ନକରି ବର୍ତ୍ତମାନର ସାଧାରଣ କ୍ୟାଡରରୁ ନିଯୁକ୍ତ କରାଯାଇଥିଲା । 1981 ରେ ବୋର୍ଡ, କେରଳ ରାଜ୍ୟ ବିଦ୍ୟୁତ୍ ବୋର୍ଡ (ବୋର୍ଡ ସଚିବାଳୟ ପ୍ରତିଷ୍ଠାନର ଏକୀକରଣ) ନିୟମାବଳୀ, 1981 କାର୍ଯ୍ୟକାରୀ କରି ସଚିବାଳୟ ସେବାକୁ ସାଧାରଣ ସେବାରେ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଥିଲା । ଏକୀକରଣ ଅଧୀନରେ ଅଣାଯାଇଥିବା ବିଭିନ୍ନ ବର୍ଗର କର୍ମଚାରୀଙ୍କ ମଧ୍ୟରେ ବରିଷ୍ଠତା ସ୍ଥିର କରିବାରେ ସେବାର ଅବଧିକୁ ଧ୍ୟାନରେ ରଖି 1985 ମସିହାରେ ପରସ୍ପର ମଧ୍ୟରେ ନିୟମାବଳୀରେ ସଂଶୋଧନ କରାଯାଇଥିଲା । ମୁଖ୍ୟତଃ ପୂର୍ବତନ ସଚିବାଳୟ ସେବାର କର୍ମଚାରୀମାନେ ସଂଶୋଧିତ ବରିଷ୍ଠତା ନୀତିକୁ ସମ୍ବିଧାନର ଅନୁଚ୍ଛେଦ 14ର ଉଲ୍ଲଙ୍ଘନ ବୋଲି ଆପତ୍ତି କରିଥିଲେ । ଉଚ୍ଚ ନ୍ୟାୟାଳୟ ବରିଷ୍ଠତାର ସଂଶୋଧିତ ନୀତିକୁ ରଦ୍ଦ କରିଦେଇଥିଲେ । ବ୍ୟଥିତ ହୋଇ, ବୋର୍ଡ ଏବଂ ସାଧାରଣ ପ୍ରତିଷ୍ଠାନର କିଛି କର୍ମଚାରୀ ବର୍ତ୍ତମାନର ଅପିଲ ଗୁଡିକ ଦାୟର କରିଥିଲେ ।**

**ଅପିଲଗୁଡ଼ିକୁ ଅନୁମତି ଦେଇ ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : 1985 ଆଦେଶ ଦ୍ୱାରା ସଂଶୋଧିତ ହୋଇଥିବା ବରିଷ୍ଠତା ନୀତି ବଜାୟ ରହିଛି । 1985 ର ଆଦେଶରେ ଏକୀକରଣ ସମୟରେ କ୍ୟାଡର/ବର୍ଗରେ ସେବାର ଅବଧି ଆଧାରରେ ପରସ୍ପର**

**ମଧ୍ୟରେ ବରିଷ୍ଠତା ନିର୍ଣ୍ଣୟ କରାଯିବା ଆବଶ୍ୟକ, ଏବଂ ଏହା ସଚିବାଳୟ ସେବାରେ ଅର୍ଜିତ ତ୍ୱରିତ ପଦୋନ୍ନତି ଉପରେ ଧ୍ୟାନ ଦିଏ ନାହିଁ । ନଥି ଦର୍ଶାଏ ଯେ ସାଧାରଣ ସେବାରୁ ସଚିବାଳୟ ସେବାରେ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବା ସମୟରେ କୌଣସି ପରୀକ୍ଷା କିମ୍ବା ସାକ୍ଷାତକାର ଅନୁଷ୍ଠିତ ହୋଇନଥିଲା । ଏହା ବ୍ୟତୀତ, 1985ର ଆଦେଶ କେବଳ ଆପେକ୍ଷିକ ବରିଷ୍ଠତା ନିର୍ଦ୍ଧାରଣ ବିଷୟରେ କହିଥାଏ ଏବଂ ପଦବୀରେ କୌଣସି ହ୍ରାସ କିମ୍ବା ପ୍ରତ୍ୟାବର୍ତ୍ତନକୁ କଳ୍ପନା କରେ ନାହିଁ । ଏହା ହୋଇପାରେ ଯେ 1985 ର ନୀତି ଅନୁସରଣ ପୂର୍ବବର୍ତ୍ତୀ ସଚିବାଳୟ ସେବାର ସହକାରୀ ସଚିବଙ୍କୁ ସାଧାରଣ ସେବାରେ ବରିଷ୍ଠ ଅଧୀକ୍ଷକଙ୍କ ଠାରୁ କନିଷ୍ଠ କରିବ, କିନ୍ତୁ ଏଥିପାଇଁ ସହକାରୀ ସଚିବଙ୍କୁ ବରିଷ୍ଠ ଅଧୀକ୍ଷକ ପଦବୀକୁ ପଦାବନତି କରିବାର ଆବଶ୍ୟକତା ନାହିଁ । ଏହି ସ୍ପଷ୍ଟୀକରଣ/ପର୍ଯ୍ୟବେକ୍ଷଣର ବଶବର୍ତ୍ତୀ ରହି ଉଚ୍ଚ ନ୍ୟାୟାଳୟର ରାୟକୁ ବାତିଲ କରାଯାଇଛି ।**

*ଓମ୍ ପ୍ରକାଶ ଶର୍ମା ବନାମ ଭାରତ ସଂଘ,* **[1985] Supp. SCC 218, ବ୍ୟାଖ୍ୟା କରାଗଲା ଏବଂ ପ୍ରୟୋଗ କରାଗଲା ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 3967/1990 ଇତ୍ୟାଦି ।

ଡବ୍ଲୁ.ଏ. ନମ୍ବର 915/1987ରେ କେରଳ ଉଚ୍ଚ ନ୍ୟାୟାଳୟର 5.10.89 ତାରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ପି.ଏସ୍. ପୋଟୀ, ଟି.ଏଲ୍. ବିଶ୍ୱନ୍ତ ଆୟାର, ସୁଶ୍ରୀ ମାଲିନୀ ପୋଡୁଭାଲ, କେ.ଏମ୍.କେ. ନାୟାର, ଭିପିନ ନାୟାର ଏବଂ ଇ.ଏମ୍.ଏସ୍. ଅନମ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ହଂସାରିୟା** । 1964 ମସିହା ପୂର୍ବରୁ କେରଳ ରାଜ୍ୟ ବିଦ୍ୟୁତ୍ ବୋର୍ଡ, ଏହା ପରେ 'ବୋର୍ଡ', ର ଗୋଟିଏ ସାଧାରଣ ପ୍ରତିଷ୍ଠାନ ଥିଲା । ସଚିବାଳୟ ପ୍ରତିଷ୍ଠାନ ନାମରେ ଏକ ପୃଥକ ଏବଂ ସ୍ୱତନ୍ତ୍ର ପ୍ରତିଷ୍ଠାନର ଆବଶ୍ୟକତା ଅନୁଭବ କରାଯିବା ପରେ, ବୋର୍ଡର 31.3.1964 ତାରିଖର ଆଦେଶ ଅନୁଯାୟୀ, ଏହା 1.4.1964 ରୁ ଗଠିତ ହୋଇଥିଲା । ଏହିପରି ଗଠିତ ସଚିବାଳୟ ସେବାର ସୁରୁଖୁରୁରେ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ, ବିଦ୍ୟୁତ (ଯୋଗାଣ) ଅଧିନିୟମର ଧାରା 79 (c)(k) ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗରେ, ବୋର୍ଡ କେତେକ ନିୟମାବଳୀ ପ୍ରଣୟନ କରିଥିଲା, ଯାହା ଅନ୍ୟାନ୍ୟ ବିଷୟ ମଧ୍ୟରେ, ଏହାର ଖଣ୍ଡ VIIରେ ଆନ୍ତଃ-ବରିଷ୍ଠତାର ନୀତି ପ୍ରସ୍ତୁତ କରିଥିଲା ଯାହା ନିମ୍ନରେ ଦିଆଗଲା:

> "VII. ସଚିବାଳୟରେ ପ୍ରାରମ୍ଭିକ ଭାବରେ ନିଯୁକ୍ତ ସମସ୍ତ ବର୍ଗର ବ୍ୟକ୍ତିଙ୍କ ଆନ୍ତଃ-ବରିଷ୍ଠତା ନିର୍ଣ୍ଣୟ କରାଯିବ ଏବଂ ମୂଳ ବିଭାଗରେ ସେମାନଙ୍କର ଆପେକ୍ଷିକ ସାଧାରଣ ବରିଷ୍ଠତାକୁ ଆଧାର କରି

ଚୂଡ଼ାନ୍ତ କରାଯିବ ଏବଂ ମୂଳ ବିଭାଗରେ ସେମାନଙ୍କର ସେବା ସଚିବାଳୟ ସେବାର ସମସ୍ତ ଉଦ୍ଦେଶ୍ୟ ପାଇଁ ଗଣନା କରାଯିବ ।"

2. ତଥାପି, ଏହା ଅନୁଭବ କରାଯାଇଥିଲା ଯେ ପୃଥକ ସେବା, ବୋର୍ଡର ପ୍ରଶାସନିକ କାର୍ଯ୍ୟର ସୁଗମ ଏବଂ ଦକ୍ଷ ନିର୍ବାହ ପାଇଁ ସହାୟକ ନ ଥିଲା; ଏବଂ ସେଥିପାଇଁ, 14.1.1981 ତାରିଖର ଆଦେଶ ଦ୍ୱାରା କେରଳ ରାଜ୍ୟ ବିଦ୍ୟୁତ୍ ବୋର୍ଡ (ବୋର୍ଡ ସଚିବାଳୟ ପ୍ରତିଷ୍ଠାନ ଏବଂ ସାଧାରଣ ପ୍ରତିଷ୍ଠାନର ଏକୀକରଣ) ନିୟମାବଳୀ, 1981 ନାମକ ନିୟମାବଳୀ ପ୍ରସ୍ତୁତ କରି ସଚିବାଳୟ ସେବାର ପୃଥକ ଏବଂ ସ୍ୱାଧୀନ ସ୍ଥିତିର ଅନ୍ତ କରାଯାଇଥିଲା । ଏହି ନିୟମାବଳୀରେ ବରିଷ୍ଠତାର ନୀତି ଧାରା 5 (c) ରେ ନିମ୍ନମତେ ଧାର୍ଯ୍ୟ କରାଯାଇଥିଲା:

> "5.(c). ଖଣ୍ଡ (f) ର ବଶବର୍ତ୍ତୀ ରହି, ହିସାବ ଉପବିଭାଗ ଏବଂ ସମାନ ପଦବୀ ଧାରଣ କରିଥିବା ସମେତ ସଚିବାଳୟ ପ୍ରତିଷ୍ଠାନ ଏବଂ ସାଧାରଣ ପ୍ରତିଷ୍ଠାନରୁ ନିଆଯାଇଥିବା ବ୍ୟକ୍ତିଙ୍କ ଆପେକ୍ଷିକ ବରିଷ୍ଠତା, ଏକୀକରଣ ସମୟରେ ସମ୍ପୃକ୍ତ କ୍ୟାଡର୍/ବର୍ଗରେ ସେମାନଙ୍କ ସେବାର ଅବଧି ଆଧାରରେ ସ୍ଥିର କରାଯିବ ।"

3. ଏହି ନୀତିକୁ 7.11.1985 ର ଆଦେଶ ଅନୁଯାୟୀ ନିମ୍ନଲିଖିତ ଭାବରେ ସଂଶୋଧନ କରାଯାଇଥିଲା ।

> "(a) XXXXX XXXXX XXXXX
>
> (b) ସଚିବାଳୟ ପ୍ରତିଷ୍ଠାନ ଏବଂ ହିସାବ ଉପବିଭାଗ ସମେତ ସାଧାରଣ ପ୍ରତିଷ୍ଠାନରୁ ନିଆଯାଇଥିବା ବ୍ୟକ୍ତିଙ୍କ ଆପେକ୍ଷିକ ବରିଷ୍ଠତା କେରଳ ଲୋକସେବା ଆୟୋଗ କିମ୍ବା ବୋର୍ଡ ଦ୍ୱାରା ବୋର୍ଡ ଅଧୀନରେ ସମ୍ପୃକ୍ତ ପ୍ରତିଷ୍ଠାନଗୁଡ଼ିକରେ ପ୍ରାରମ୍ଭିକ ନିଯୁକ୍ତି ସମୟରେ, ଯଥାସ୍ଥିତିରେ, କେରଳ ଲୋକସେବା ଆୟୋଗ କିମ୍ବା ବୋର୍ଡର ପରାମର୍ଶ ତାଲିକାରେ ସେମାନଙ୍କ ପାହ୍ୟାକ୍ରମ ଉପରେ ଆଧାର କରି ନିର୍ଣ୍ଣୟ କରାଯିବ, ଯାହା ବାଧ୍ୟତାମୂଳକ ବିଭାଗୀୟ ପରୀକ୍ଷା ସମ୍ବନ୍ଧୀୟ ନିୟମ ପ୍ରୟୋଗ ଉପରେ ନିର୍ଭର କରେ ।"

ଆନ୍ତଃ ବରିଷ୍ଠତା ନିର୍ଦ୍ଧାରଣ ପାଇଁ ଏହି ଆବଶ୍ୟକ ସେବା ଅବଧିକୁ ଧ୍ୟାନରେ ନେବା ଦରକାର ।

4. 1985 ରେ ଧାର୍ଯ୍ୟ ହୋଇଥିବା ବରିଷ୍ଠତାର ସଂଶୋଧିତ ନୀତିକୁ ଆପତ୍ତି କରି ପୂର୍ବତନ ସଚିବାଳୟ ସେବାର ଅଧିକାରୀମାନେ ମୁଖ୍ୟତଃ କେରଳ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଯାଇଥିଲେ । ଉଚ୍ଚ ନ୍ୟାୟାଳୟ, ଆକ୍ଷେପିତ ରାୟ ଦ୍ୱାରା କହିଥିଲେ ଯେ ଅନୁଚ୍ଛେଦ 14 ଦ୍ୱାରା ଏହି ନୀତି ପ୍ରଭାବିତ ହୋଇଥିଲା କାରଣ ଅସମାନମାନଙ୍କୁ ସମାନ ଭାବରେ ବିବେଚନା କରାଯାଇଥିଲା ଏବଂ ସେଥିପାଇଁ ଏହାକୁ ରଦ୍ଦ କରିଛନ୍ତି । ଏହି ଅପିଲ ଗୁଡ଼ିକ ବୋର୍ଡ ଏବଂ ସାଧାରଣ ପ୍ରତିଷ୍ଠାନର କିଛି ବ୍ୟକ୍ତିଙ୍କ ଦ୍ୱାରା କରାଯାଇଛି ।

5. ବୋର୍ଡ ପକ୍ଷରୁ ଉପସ୍ଥିତ ଥିବା ବିଜ୍ଞ ବରିଷ୍ଠ ଓକିଲ ଶ୍ରୀ ପୋଟି ନିବେଦନ କରିଛନ୍ତି ଯେ 1985 ମସିହାର ନୀତିକୁ ଅଗ୍ରାହ୍ୟ କରି ଉଚ୍ଚ ନ୍ୟାୟାଳୟ ଯଥାର୍ଥ ନଥିଲେ, କାରଣ ଏହି ନ୍ୟାୟାଳୟ *ଓମ୍ ପ୍ରକାଶ ଶର୍ମା ବନାମ ଭାରତ ସଂଘ,* [1985] Supp. SCC 218 ରେ ଏହି ନୀତିକୁ ପ୍ରକୃତରେ ବୈଧ ବୋଲି ପାଇଥିଲେ, ଯାହାକୁ ଉଚ୍ଚ ନ୍ୟାୟାଳୟ ଭୁଲ ଭାବରେ ପୃଥକ କରାଯାଇଥିଲା । ତେବେ, ବେସରକାରୀ ଉତ୍ତରଦାତାମାନଙ୍କ ତରଫରୁ ହାଜର ବିଜ୍ଞ ବରିଷ୍ଠ ଓକିଲ ଶ୍ରୀ ଆୟାର ନିବେଦନ କରିଛନ୍ତି ଯେ ଓମ୍ ପ୍ରକାଶଙ୍କ ମାମଲା ତଥ୍ୟ ଉପରେ ଭିନ୍ନ ଥିଲା ଏବଂ 1985 ରେ ବର୍ଣ୍ଣିତ ନୀତି କିମ୍ବା ପରସ୍ପର ମଧ୍ୟରେ ବରିଷ୍ଠତାକୁ ବଜାୟ ରଖିବା ପାଇଁ ଏହାକୁ ଅନୁସରଣ ନକରି ଉଚ୍ଚ ନ୍ୟାୟାଳୟ ଠିକ୍ ଥିଲେ ।

6. ଆମ ମତରେ, ଓମ ପ୍ରକାଶଙ୍କ ମାମଲାର ନିର୍ଣ୍ଣୟ ବର୍ତ୍ତମାନ ଅପିଲଗୁଡିକରେ ମଧ୍ୟ ପ୍ରୟୋଗ କରାଯିବା ଉଚିତ, କାରଣ ସେଠାରେ ତ୍ରିବିଭାଜନ ଯୋଗୁଁ କିଛି ଉତ୍ତରଦାତାଙ୍କୁ ମୁଖ୍ୟ କିରାଣୀ କ୍ୟାଡରରେ ଯେଉଁ ତ୍ୱରିତ ପଦୋନ୍ନତି ମିଳିଥିଲା ତାହାକୁ ବିଭିନ୍ନ ସେବା/ବିଭାଗ ପୁନର୍ବାର ମିଶ୍ରଣ ପରେ ଗୁରୁତ୍ୱ ଦେବା ଆବଶ୍ୟକ ନଥିଲା । ଏଠାରେ ମଧ୍ୟ, 1985 ଆଦେଶରେ ଆନ୍ତଃ-ବରିଷ୍ଠତାର ନୀତି ମୂଳତଃ ସେହି ସମାନ କରିବାକୁ ଚେଷ୍ଟା କରିଛି, ଯେଉଁଥିରେ ସଚିବାଳୟ ସେବାରେ ପ୍ରାପ୍ତ ପଦୋନ୍ନତିକୁ ଧ୍ୟାନରେ ନ ରଖି, ଏକୀକରଣ ସମୟରେ କ୍ୟାଡର/ବର୍ଗରେ ସେବା ଅବଧି ଆଧାରରେ ଆନ୍ତଃ-ବରିଷ୍ଠତା ନିର୍ଣ୍ଣୟ କରାଯିବା ଆବଶ୍ୟକ ।

7. ଉପରୋକ୍ତ ନୀତିକୁ ବଜାୟ ରଖିବା ପାଇଁ ଆମ ପାଖରେ ଆଉ ଏକ କାରଣ ଅଛି ଏବଂ ତାହା ହେଉଛି ଯଦି ସଚିବାଳୟ ସେବା ଗଠନ କରିବା ସମୟରେ, ଯଦି ପ୍ରକୃତରେ ଯୋଗ୍ୟତା, ସାମର୍ଥ୍ୟ ଏବଂ ଉପଯୁକ୍ତତା ଆଧାରରେ ବିକଳ୍ପମାନଙ୍କର ଚୟନ କରାଯାଇଥିଲା, ତେବେ ଆମେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ନ ଥିଲୁ । ଆମେ ଏହା କହିଛୁ କାରଣ ଚୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବୋର୍ଡର ଅଧ୍ୟକ୍ଷ ମଧ୍ୟସ୍ଥତାଙ୍କ ସମ୍ମୁଖରେ କହିଥିଲେ, ଯାହାଙ୍କ ଅଧିନିର୍ଣ୍ଣୟ ଶ୍ରୀ ଆୟରଙ୍କ ଦ୍ୱାରା ଚାପି ଦିଆଯାଇଥିଲା ଏବଂ ଯାହା ବିଷୟରେ ଆମେ ପରେ ଘୋଷଣା କରିବୁ, ତେଣୁ: "ଏହି ନିଯୁକ୍ତି ପାଇଁ କୌଣସି ପରୀକ୍ଷା କିମ୍ବା ସାକ୍ଷାତକାର କରାଯାଇନଥିଲା । ଏହି ଶାଖା ପାଇଁ ଚୟନ ମୋ ଦ୍ୱାରା ସେମାନଙ୍କର ବିଶ୍ୱସ୍ତତା, ସେମାନଙ୍କ ଉପରେ ମୋର ଆତ୍ମବିଶ୍ୱାସକୁ ଧ୍ୟାନରେ ରଖି କରାଯାଇଥିଲା । କେବଳ ମୋ ପରିଚିତ ବ୍ୟକ୍ତିମାନଙ୍କୁ ଚୟନ କରାଯାଇଥିଲା ।" ଏହାକୁ ଦୃଷ୍ଟିରେ ରଖି, ପ୍ରକୃତ ଚୟନ କରିବା ସମୟରେ କୌଣସି ମନ୍ଦ ଉଦ୍ଦେଶ୍ୟ କିମ୍ବା ନିର୍ଯାତନା ହୋଇନଥିବା ଦର୍ଶାଇ 14.3.1967 ତାରିଖ ବିଶିଷ୍ଟ ମଧ୍ୟସ୍ଥଙ୍କ ଅଧିନିର୍ଣ୍ଣୟ ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

8. ଶ୍ରୀ ଆୟରଙ୍କ ମୁଖ୍ୟ ଚିନ୍ତା ଥିଲା ଯେ ଯଦି ଉପରୋକ୍ତ ଆନ୍ତଃ-ବରିଷ୍ଠତାର ନୀତି ବଜାୟ ରହେ, ତେବେ ସଚିବାଳୟ ସେବାରେ ତ୍ୱରିତ ପଦୋନ୍ନତି ପାଇଥିବା ବ୍ୟକ୍ତିମାନଙ୍କୁ ପ୍ରତ୍ୟାବର୍ତ୍ତନ କରାଯିବ । ବିଜ୍ଞ ଓକିଲ ଏହା ଦର୍ଶାଇଥିଲେ ଯେ ସି.ଏ. ନଂ. 3974/90 ର ପେପର ବୁକର ପୃଷ୍ଠା 66 ରେ ସ୍ଥାନିତ ପଦବୀର ସମୀକରଣ ପ୍ରତି ଆମର ଦୃଷ୍ଟି ଆକର୍ଷଣ କରାଯାଇଛି, ଯେଉଁଠାରେ ସଚିବାଳୟ ପ୍ରତିଷ୍ଠାନର ସହକାରୀ ସଚିବ ପଦବୀକୁ ସହକାରୀ ହିସାବ ଅଧିକାରୀଙ୍କ ସହିତ ସମାନ ଦର୍ଶାଯାଇଛି - ଯାହାଙ୍କ ତଳେ ସାଧାରଣ ପ୍ରତିଷ୍ଠାନରେ ବରିଷ୍ଠ

ଅଧୀକ୍ଷକଙ୍କ ପଦବୀ ରହିଛି । ବିଜ୍ଞ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଉପରୋକ୍ତ ନୀତି ଅନୁଯାୟୀ ସଚିବାଳୟ ସେବାର ସହକାରୀ ସଚିବଙ୍କୁ ସାଧାରଣ ପ୍ରତିଷ୍ଠାନର ବରିଷ୍ଠ ଅଧୀକ୍ଷକଙ୍କୁ ପ୍ରତ୍ୟାବର୍ତ୍ତନ କରିବାର ଆବଶ୍ୟକତା ରହିଛି, କାରଣ ଯଦି କେବଳ ପ୍ରାରମ୍ଭିକ ନିଯୁକ୍ତି ସମୟରେ ପାହ୍ୟାକ୍ରମକୁ ବିଚାରକୁ ନିଆଯାଏ, ତେବେ ସେ ପୂର୍ବତନ ଠାରୁ ବରିଷ୍ଠ ହୋଇପାରନ୍ତି । ଆମ ମତରେ, ତଥାପି, ଏହା ସେହି ସିଦ୍ଧାନ୍ତର ସଠିକ୍ ବ୍ୟାଖ୍ୟା ନୁହେଁ, କାରଣ ସେଥିରେ କେବଳ ଆପେକ୍ଷିକ ବରିଷ୍ଠତା ନିର୍ଦ୍ଧାରଣ ବିଷୟରେ କଥା କୁହାଯାଇଛି ଏବଂ କୌଣସି ପଦହ୍ରାସ କିମ୍ବା ପୂର୍ବତନ ପଦକୁ ଫେରାଇବାକୁ କଳ୍ପନା କରାଯାଇନାହିଁ । ହୁଏତ 1985 ନୀତି ଅନୁସରଣ କରିବା ଦ୍ୱାରା ବର୍ଣ୍ଣିତ ସହକାରୀ ସଚିବଙ୍କୁ ବରିଷ୍ଠ ଅଧୀକ୍ଷକଙ୍କ ତୁଳନାରେ କନିଷ୍ଠ କରାଯିବ, କିନ୍ତୁ ଏଥିପାଇଁ ସହକାରୀ ସଚିବଙ୍କୁ ବରିଷ୍ଠ ଅଧୀକ୍ଷକ ପଦବୀକୁ ଅବନତ କରିବାକୁ ପଡ଼ିବ ନାହିଁ ।

୨. ଉପରୋକ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଉପରେ ଦିଆଯାଇଥିବା ସ୍ପଷ୍ଟୀକରଣ/ପର୍ଯ୍ୟବେକ୍ଷଣ କ୍ରମେ, ଆମେ ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ରାୟକୁ ବାତିଲ କରୁଛୁ । ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଆମେ ପକ୍ଷମାନଙ୍କୁ ସେମାନଙ୍କର ନିଜସ୍ୱ ଖର୍ଚ୍ଚ ବହନ କରିବାକୁ ଛାଡ଼ି ଦେଉଛୁ ।

ଆର୍.ପି. ଅପିଲଗୁଡ଼ିକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।